ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୬ ଅକ୍ଟୋବର, ୨୦୧୮ ମଙ୍ଗଳବାର

ତିତଲି ପ୍ରଭାବରେ ଭାଙ୍ଗିଲା ଘର : ଅସହାୟ ଅବସ୍ଥାରେ ବିତୁଛି ଜୀବନ

ପାଣିକୋଇଲି,୧୫।୧୦, ଏକ୍ସପ୍ରେସ୍ ନ୍ୟୁଜ୍

ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି (କାଙ୍କଳାପାଟଣା) ଗ୍ରାମରେ ତିତଲି ପ୍ରଭାବ ବର୍ଷାରେ ୪ ବଖରା ଘର ଭାଙ୍ଗି ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି । ଫଳରେ ଅସହାୟ ଅବସ୍ଥାରେ ପଡିଛନ୍ତି ପରିବାର । ପ୍ରଶାସନିକ ତଦନ୍ତ ହୋଇଛି କିନ୍ତୁ ମିଳିନି ସହାୟତା । ମୁଣ୍ଡ ଗୁଞ୍ଜିବାକୁ ଜାଗା ଟିକିଏ ନାହିଁ । ଅସହାୟ ପରିବାରକୁ ତୁରନ୍ତ ସହାୟତା ଯୋଗାଇଦେବାକୁ ପରିବାର ପକ୍ଷରୁ ଦାବି ହୋଇଛି । ଏଭଳି ଅବସ୍ଥା ଦେଖିବାକୁ ମିଳିଛି କାଙ୍କଳାପାଟଣା ଗ୍ରାମର ସୁଲୋଚନା ସାହୁ ଓ ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ପରିବାରରେ । ଲଗାଣ ବର୍ଷାରେ ଖଞ୍ଜା ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଥିବା ବେଳେ ସୌଭାଗ୍ୟବଶତଃ ବଞ୍ଚି ଯାଇଥିଲେ ପରିବାର ଲୋକ । ବ୍ୟାସନଗର ତହସିଲକୁ ଗୁହାରି ପରେ ପାଣିକୋଇଲି ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ହେଲେ ଫଳ କିଛି ମଳିନି । ତୁରନ୍ତ ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ତିତ୍‌ଲି ପ୍ରଭାବରେ ବ୍ୟାପକ ଧାନ ଫସଲ ନଷ୍ଟ

ନୟାଗଡ଼,୧୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍

ନୟାଗଡ଼ ଜିଲାରେ 'ତିତ୍‌ଲି' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ବ୍ୟାପକ ଧାନଫସଲ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ଡ୍ୟାମର ଜଳପତ୍ତନ ବୃଦ୍ଧିହେବା ଯୋଗୁଁ ଗେଟ୍ ଖୋଲାଯାଇଥିଲା। ଏହା ଫଳରେ ତଳି ଅଞ୍ଚଳର ଧାନଜମିର ହୁଡ଼ା ଭାଙ୍ଗିବା ସହିତ ଫୁଲ ଧରିଥିବା ଧାନ ନଷ୍ଟ ହୋଇଯାଇଛି। ହଜାର ହଜାର ହେକ୍ଟର ଜମିରେ ପାଣି ଜମି ରହିଥିବାରୁ ଧାନଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା କରାଯାଉଛି। ବର୍ଷା ଓ ପବନ ଯୋଗୁଁ ଅନେକ ସ୍ଥାନରେ ବଡ଼ବଡ଼ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ କରିବା ସହ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗରିବ ଲୋକମାନଙ୍କ କଚ୍ଚାଘର ଭାଙ୍ଗି ଯାଇଥିବାରୁ ସେମାନେ ନାନା ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। 'ତିତ୍‌ଲି' ପ୍ରଭାବ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ଓ ପନିପରିବାର ଦର ବଢ଼ି ଯାଇଥିବା ଲକ୍ଷ୍ୟ କରାଯାଇଛି। ଫଳରେ ଜନଜୀବନ ଆଘାତପ୍ରାପ୍ତ ହୋଇଛି। ନଈବଢ଼ି ଯୋଗୁଁ କେତେକ ଗ୍ରାମରେ ପାଣି ପଶିଥିବାରୁ ରାସ୍ତାଗୁଡ଼ିକ ଧୋଇହୋଇ ନଷ୍ଟ ହୋଇଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ତୋଫାନୀ ଗସ୍ତକରି ଚାଷୀମାନଙ୍କର ଦୁଃଖ ଦୁର୍ଦ୍ଦଶା ଉପରେ ଆଲୋଚନା କରି ଏହାର ବିହିତ ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ବିଜେଡି କୃଷକ ନେତା ଜଗନ୍ନାଥ ପଣ୍ଡା 'ତିତ୍‌ଲି' କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସାହାଯ୍ୟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି ।



କଥା କିଛି କାର୍ଟୁନ୍‌ଟିଏ

ହୀରାଲାଲ୍

ମନରେ ନାହିଁ ମାଳରେ ନାହିଁ
ଭଜି ଭଜି କରି ପାଇବୁ କାହିଁ?

ଗ୍ରାମ୍ୟ ରାସ୍ତାରେ ୪ଫୁଟର ଘାଇ

କୋଦଳା,୧୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍

ବେଗୁନିଆପଡା ବ୍ଲକ ଅନ୍ତର୍ଗତ ସାତନନ୍ଦ ବୁଦ୍ରବୁଦି ଛକଠାରେ ଶାଳବଣ ଯିବା ରାସ୍ତାର ଆନିକଟ ପାଖରେ ବନ୍ୟାଜଳ ଯୋଗୁଁ ଘାଇ ସୃଷ୍ଟି ହୋଇ ପ୍ରାୟ ୪ଫୁଟ ଯାଏଁ ମାଟି ଅତଡା ଖସିଯାଇଛି । ଏହାକୁ ଯଦି ତୁରନ୍ତ ମରାମତି କରାନଯାଏ ତା'ହେଲେ ଏ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାତାୟାତରେ ବାଧା ଉପୁଜିବ । ଏନେଇ କ୍ଷୁଦ୍ର ଜଳସେଚନ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଏନେଇ ଅବଗତ ଅଛନ୍ତି ତୁରନ୍ତ ଏହାର ସମାଧାନ କରାଯିବ ବୋଲି କହିଛନ୍ତି ।

କପା ଚାଷୀ କ୍ଷତିଗ୍ରସ୍ତ

ବରଗଡ଼,୧୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍

ପଦ୍ମପୁର ଉପଖଣ୍ଡ ଗାଇସିଲେଟ, ପାଇକମାଲ ବ୍ଲକ ଅଞ୍ଚଳରେ ଧଳା ସୁନା ଭାବରେ ପରିଚିତ କପା ଚାଷ ଏବେ ବର୍ଷାଭାବ ସହ ରୋଗପୋକ ଯୋଗୁଁ ଚାଷୀଙ୍କୁ ଚିନ୍ତାରେ ପକାଇଛି । ଏ ନେଇ କୃଷି ବିଭାଗ ତୁରନ୍ତ ପଦକ୍ଷେପ ନ ନେଲେ ଚଳିତବର୍ଷ କପା ଚାଷ ଉଜୁଡ଼ି ଯିବ ବୋଲି ଚାଷୀ ମହଲରେ ଚିନ୍ତା ପ୍ରକଟ ହୋଇଛି । ଚଳିତବର୍ଷ ଫସଲ ଆରମ୍ଭରୁ ପ୍ରବଳ ବର୍ଷା ହୋଇଥିଲା। ମାତ୍ର ଅକ୍ଟୋବର ମାସରେ ଆଦୌ ବର୍ଷା ହୋଇ ନ ଥିବା ବେଳେ ହଠାତ ଉତ୍ତାପ ବୃଦ୍ଧି ପାଇଥିବାରୁ କପା ଗଛରେ ରୋଗପୋକ ଦେଖାଦେଲେଣି। ଫଳରେ କପା ଗଛ ଠିକ ଭାବରେ ବଢ଼ିପାରୁ ନାହିଁ। ପତ୍ରଫଟା, ଲାଖି ରୋଗ ଯୋଗୁ ଚାଷୀ ହତାଶ ହୋଇପଡ଼ିଛନ୍ତି। ଏହା ଜାଣି ସହକାରୀ କୃଷି ଅଧିକାରୀ ନିବେଦିତା ପ୍ରଧାନ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ଚାଷୀମାନଙ୍କୁ ବିଭିନ୍ନ ପ୍ରକାରର ପ୍ରତିଷେଧକ ପରାମର୍ଶ ଦେଉଥିବା ଜଣାପଡ଼ିଛି।

ମହିଳା ପୁଲିସଙ୍କୁ ପ୍ରତାରଣା କରି ଜଣେ ଗିରଫ

ବରଗଡ଼,୧୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍

ବରଗଡ଼ ଜିଲ୍ଲାର ଜଣେ ଉଚ୍ଚ ପଦସ୍ଥ ମହିଳା ପୁଲିସ୍ ଅଧିକାରିଣୀ ପ୍ରେମ ପ୍ରତାରଣାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ତାଙ୍କୁ ବିବାହର ପ୍ରତିଶୃତି ଦେଇ ତାଙ୍କ ସହ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରଖିବା ପରେପ୍ରତାରିତ କରିଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିଛି । ବରଗଡ଼ ପୁଲିସ୍ ରାଜଧାନୀ ଭୁବନେଶ୍ୱରରୁ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଏଥିରେ ସମ୍ପୃକ୍ତ ଥିବା ପ୍ରେମ ପ୍ରତାରକ ଜଣକ ଜିଲା ବାହାରର ହୋଇଥିବା ବେଳେ ଏକ ପ୍ରତିଷ୍ଠିତ କମ୍ପାନୀର ମାନବ ସମ୍ବଳ ଅଧିକାରୀଭାବେ କାର୍ଯ୍ୟ କରୁଥିବା ବରଗଡ଼ ପୁଲିସ୍ ତରଫରୁ ଜଣାପଡ଼ିଛି । ଅପରପକ୍ଷରେ ସମ୍ପୃକ୍ତ ଅଭିଯୁକ୍ତ ଏବଂ ପୁଲିସ୍ ଅଧିକାରିଣୀଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯାଇଥିବା ଜଣାପଡ଼ିଛି ।

ନିଆଳି ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଜନସମ୍ପର୍କ ପଦଯାତ୍ରା
୨.୧୦.୨୦୧୮ ରୁ ୨.୧୧.୨୦୧୮
କେନ୍ଦ୍ର ସରକାରଙ୍କର ଜନ ବିରୋଧି, ଓଡ଼ିଶା
ସ୍ୱାର୍ଥ ବିରୋଧି ଓ ଡିଜେଲ, ପେଟ୍ରୋଲର
ଅହେତୁକ ଦର ବୃଦ୍ଧି ତଥା ନବୀନ ସରକାରଙ୍କର ଓଡ଼ିଶା କୁ
ସବୁକ୍ଷେତ୍ରରେ ୧ନଂ କରୁଥିବ ବାର୍ତ୍ତାର ଜନ
ସଚେତନା ସୃଷ୍ଟି କରିବା ନିମନ୍ତେ ଏ ପଦଯାତ୍ରା

ନିଆଳି,୧୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍

ନିଆଳି ବ୍ଲକ୍ ଅନ୍ତର୍ଗତ ବିଳାସୁଣି, ପୋଖରୀଗାଁ, ପହଙ୍ଗା ଓ ତିହୁଡ଼ି ପଞ୍ଚାୟତରେ ବିଜେଡ଼ି ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ନିଆଳି ବ୍ଲକ୍ ଅନ୍ତର୍ଗତ ବିଳାସୁଣି ପଞ୍ଚାୟତର ବାଲିକୁଦାରୁ ଶତାଧିକ ଦଳୀୟକର୍ମୀଙ୍କ ଗହଣରେ ନିଆଳି ବିଧାୟକ ପ୍ରଫେସର ଡାକ୍ତର ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବିଳାସୁଣି ପଞ୍ଚାୟତ ପରେ ପୋଖରୀଗାଁ ପଞ୍ଚାୟତ ଦେଇ ପହଙ୍ଗା ଓ ପରେ ତିହୁଡ଼ି ପଞ୍ଚାୟତରେ ଶେଷ ହୋଇଥିଲା । ଏହି ଅବସରରେ ପୋଖରୀଗାଁ ପଞ୍ଚାୟତ ପୋଲସରା ପ୍ରାଥମିକ ବିଦ୍ୟାଳୟର ପ୍ରାଚୀର ଓ ପୋଖରୀଗାଁ ଛକ ସ୍ଥିତ ବଜାର ଗୃହକୁ ବିଧାୟକ ପ୍ରଫେସର ଡ଼ାକ୍ତର ପ୍ରମୋଦ କୁମାର ମଲ୍ଲିକ ଅତିଥିଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ସରପଞ୍ଚ ମାନଭଞ୍ଜନ ବେହେରା, ଜ୍ୟୋତ୍ସ୍ନା ମଲ୍ଲିକ, ସମିତି ସଭ୍ୟ ଅଜୟ ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟ ଅତୁଲ୍ୟ ଜେନା, ସଭ୍ୟା ମାମିନା ଜେନାଙ୍କ ସମେତ ବ୍ଲକ୍ ଆମ୍ବାର ଅଧ୍ୟକ୍ଷ ଆଦିତ୍ୟ ପାଣି, ବିଷ୍ଣୁଚରଣ ସ୍ୱାଇଁ, ପ୍ରକାଶ ମହାନ୍ତି, ବିଜ୍ଞାନ ମହାନ୍ତି, ଭାଗିରଥି ମଲ୍ଲିକ, ବଳରାମ ସ୍ୱାଇଁ, ଅଜୟ ସ୍ୱାଇଁ, ଶରତ ଦାସ, ସମୀୟ ମହାନ୍ତି, ଅଶ୍ୱିନୀ ପ୍ରବୀର ମହାନ୍ତି, ବିଶ୍ୱଜିତ ଖଟେଇ, ଆତ୍ରତ୍ରାଣ ରାଉତ, ସୌମ୍ୟ ରଂଜନ ଜେନା, ରଶ୍ମି ରଂଜନ ଖଟେଇ, ପରକ୍ଷିତ ବାରିକ, ପ୍ରଭାକର ରାଉତ, ବାନାମ୍ବର ଜେନା ପ୍ରମୁଖ ଯୋଗ ଦେଇଥିଲେ ।

ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

ବରଗଡ଼,୧୫।୧୦ : ଏକ୍ସପ୍ରେସ୍ ନ୍ୟୁଜ୍

ବରଗଡ଼ ସଦର ଥାନା ଅଧୀନସ୍ଥ ବିରମାଲ ଚାରିଛକଠାରେ ଥିବା ଏକ ଏଟିଏମ୍ କାଉଣ୍ଟରକୁ ଭାଙ୍ଗି ଲୁଟ୍ ଉଦ୍ୟମ ବିଫଳ ହୋଇଛି । ଘଟଣାସ୍ଥଳରେ ବରଗଡ଼ ପୁଲିସ୍ ପହଞ୍ଚି ଅନୁଧ୍ୟାନ କରିବା ସହ ଘଟଣାର ତଦନ୍ତ କରୁଛି । ଶନିବାର ବିଳମ୍ବିତ ରାତିରେ ବରଗଡ଼ ସଦର ଥାନା ଅନ୍ତର୍ଗତ ବିରମାଲ ଚାରିଛକରେ ଥିବା ଅନ୍ଧ୍ରବ୍ୟାଙ୍କର ଏକ ଏଟିଏମ୍ କାଉଣ୍ଟରରୁ କିଛି ଦୁର୍ବୃତ୍ତ ଲୁଟିବାର ଉଦ୍ୟମ କରିଥିଲେ। ସେମାନେ କାଉଣ୍ଟର୍‌ରେ ଲାଗିଥିବା ତାଲା ଓ ସଟର ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ଏପରିକି ମେସିନ୍‌କୁ ତାଡ଼ି ଦେଇଥିଲେ ମଧ୍ୟ ଟଙ୍କା ନେବାରେ ବିଫଳ ହୋଇଥିଲେ। ଖବର ପାଇ ବରଗଡ଼ ଏସ୍‌ଡିପିଓ ସୁରେଶ କୁମାର ନାଏକ, ସଦର ଥାନା ଅଧିକାରୀ ମମତା ନାଏକ, ଟାଉନ ଥାନା ଅଧିକାରୀ ବିଭୁତି ଭୂଷଣ ଭୋଇ, ସଦଳ ବଳେ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । କାଉଣ୍ଟରରେ ଲାଗିଥିବା ସିସିଟିଭି ଫୁଟେଜ୍ ଦେଖାଯିବା ସହ ଘଟଣାର ତଦନ୍ତ କରାଯାଉଛି ବୋଲି ପ୍ରକାଶ କରିଛନ୍ତି ସଦର ଥାନା ଅଧିକାରୀ ମମତା ନାଏକ।

ଚୋରା କାଠଗାଡ଼ି ଜବତ

ପୁରୀ,୧୫।୧୦ : ଏକ୍ସପ୍ରେସ୍ ନ୍ୟୁଜ୍

ବ୍ରହ୍ମଗିରି ଥାନା ଅଧୀନ ପୁରୀ-ସାତପଡା ଜାତୀୟ ରାଜପଥର ରାମେଶ୍ୱରପୁର ଛକରୁ ବନବିଭାଗ ଏକ କାଠ ବୋଝେଇ ଟ୍ରକ ଜବତ କରିଛି। ବ୍ରହ୍ମଗିରି ବନାଞ୍ଚଳ ଅଧିକାରୀ ରଜତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ରବିବାର ବିଳମ୍ବିତ ରାତିରେ ପୁରୀ-ସାତପଡା ଜାତୀୟ ରାଜପଥରେ ଚଢ଼ଉ କରୁଥିଲେ । ରାମେଶ୍ୱରପୁର ଛକରେ କାଠଟ୍ରକ ଯାଉଥିବା ଖବର ପାଇ ବନବିଭାଗ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ବନବିଭାଗ କର୍ମଚାରୀଙ୍କୁ ଦେଖି କାଠଗାଡି ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଗାଡିକୁ ଛାଡି ଚାଲି ଯାଇଥିଲେ। କାଠଗାଡିକୁ ବନବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ଟ୍ରକ ଡାଲାରେ ଲଙ୍କାଆମ୍ବ ଓ ପୋଲାଙ୍ଗ କାଠ ରହିଥିଲା। ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ବ୍ରହ୍ମଗିରି ବନାଞ୍ଚଳ ଅଧିକାରୀ ରଜତ କୁମାର ମହାପାତ୍ରଙ୍କୁ ପଚାରିବାରେ ସେ କୁହନ୍ତି ଗାଡିର ମାଲିକ କିଏ ଜଣାପଡିନି। ପରିବହନ କାର୍ଯ୍ୟାଳୟରୁ ଗାଡିର ମାଲିକଙ୍କ ନାମ ଜାଣିବା ପରେ କାଠ କିଏ ନେଉଥିବା ତାହାର ତଦନ୍ତ କରାଯିବ ବୋଲି କହିଛନ୍ତି ।

ବନ୍ୟା ପ୍ରପୀଡିତଙ୍କୁ ସହାୟତା

କୋଦଳା,୧୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍

କୋଦଳା ଓ ବେଗୁନିଆପଡା ଖଣ୍ଡ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ତିତ୍‌ଲି ପ୍ରଭାବିତ ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳ ଆସିକାରେ ପାଣିଘେରରେ ରହିଥିବା ବସ୍ତିବାସିନ୍ଦାମାନଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟରେ ଆରଏସ୍‌ଏସ୍‌ର ଗଞ୍ଜାମ ଜିଲ୍ଲା କାର୍ଯ୍ୟବାହ ସଞ୍ଜୟ କୁମାର ଦାସ, ବେଗୁନିଆପଡା ଖଣ୍ଡ କାର୍ଯ୍ୟବାହ ଗଣେଶ୍ୱର ମୁଦୁଲି, ନାରାୟଣ ପ୍ରଧାନ, ସନ୍ତୋଷ ପୋଲେଇ, ହୃଷିକେଶ ପାଣିଗ୍ରାହୀ, ମନୋରଥ ଜେନା ଆଦି ସହଯୋଗ କରିଥିଲେ ।

ବିଦ୍ୟୁତ ଖୁଣ୍ଟ ପଡି ଛାତ୍ର ଗୁରୁତର : ମାମଲା ରୁଜୁ

ତିହିଡ଼ି,୧୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍

ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧୀନ ହରସିଂପୁର ପଞ୍ଚାୟତ ଅଧିନ ବାରବାଟିଆ ଗାଁର ଅଭିଷେକ ସାହୁ (୧୪) ଗତ ୦୪.୧୦.୧୮ରିଖରେ ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଉଥିବା ସମୟରେ ଏକ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ତାଙ୍କ ଉପରେ ପଡିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତିହିଡି ପରେ ଭଦ୍ରକ ଓ ଶେଷରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତୀ କରାଯାଇଛି। ଏହି ଦୁର୍ଘଟଣାରେ ଅଭିଷେକର ମେରୁଦଣ୍ଡ ଭାଙ୍ଗିଯିବା ସହ ପେଟ ଓ ଜଙ୍ଘରେ ଗଭୀର ଆଘାତ ହୋଇଥିଲା। ଏନେଇ ବିଦ୍ୟୁତ ବିଭାଗର ଖାମିଖିଆଲୀ ନୀତି ବିରୋଧରେ ଗ୍ରାମବାସୀ ତାତିବା ସହ ଅଭିଷେକ ସାହୁଙ୍କ ଅଜାଙ୍କ ଅଭିଯୋଗକୁ ଭିତ୍ତିକରି ଯଶିପୁର କନିଷ୍ଠ ଯନ୍ତ୍ରୀ ଓ ଲାଇନ୍‌ମେନ୍‌ଙ୍କ ବିରୋଧରେ ଥାନାରେ ଏକ ମାମଲା ୩୫୨/୧୮, ଦଫା ୩୩୭, ୩୩୮ ଓ ୩୪ ଆଇପିସି ରୁଜୁ ହୋଇଛି। ତେବେ ଉକ୍ତ ବିଦ୍ୟୁତ ଖୁଣ୍ଟ ବିଭାଗକୁ ହସ୍ତାନ୍ତର ହୋଇନଥିବା ପ୍ରାଥମିକ ସ୍ତରରୁ ଜଣାଯାଇଛି। ବିଗତ ୨ ବର୍ଷ ଧରି ବିପିଏଲମାନଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବାଲାଗି ଠିକାଦାର ନିୟୋଜିତ ହୋଇଛନ୍ତି। କେତେକ କାରଣ ବଶତଃ ବିଦ୍ୟୁତ ସେବା ପ୍ରଦାନ କରାଯାଇନଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଖୁଣ୍ଟ ଉପରେ ଲମ୍ବିଥିବା ଗଛ ଡାଳ ମଧ୍ୟ କଟା ଯାଇଥିଲା। ଏହି ସମୟରେ ଖୁଣ୍ଟର ଅଗ୍ରଭାଗ ଭାଙ୍ଗିଯାଇଥଲା। ଯାହା ଫଳ ସ୍ୱରୁପ ଅଭିଷେକ ଏପରି ଦୁର୍ଘଟଣାର ଶିକାର ହୋଇଥିବା ଜଣାଯାଇଛି। ତେବେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବାର ସମ୍ଭାବନା ରହିଛି। ପ୍ରକାଶ ଥାଉକି, ଅଭିଷେକ ସାହୁଙ୍କ ଘର ଚାନ୍ଦବାଲି ବ୍ଲକ ସଁଅପୁର ଗ୍ରାମର। ବାପାଙ୍କ ମୃତ୍ୟୁ ପରେ ମାଆ ଏକ ପ୍ରକାର ମାନସିକ ବିକୃତ ହୋଇଯାଇଛନ୍ତି। ଅଜା ଘର ତିହିଡି ଥାନା ଅଧୀନ ବାରବାଟିଆ ଗାଁର, ଅଭିଷେକ ସେଠାରେ ରହି ପାଠପଢେ ।

ଚାରି ଶହ ବର୍ଷରେ ପଦାର୍ପଣ କଲା ବାରବାଟିଆ ଦୁର୍ଗାପୂଜା

ତିହିଡ଼ି,୧୫।୧୦ : ଏକ୍ସପ୍ରେସ୍ ନ୍ୟୁଜ୍

ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ହରସିଂପୁର ପଞ୍ଚାୟତ ଅଧୀନ ବାରବାଟିଆର ଗାଁର ସାର୍ବଜନୀନ ଦୁର୍ଗାପୂଜା ଚଳିତ ବର୍ଷ ପ୍ରାୟ ୪ ବର୍ଷରେ ପଦାର୍ପଣ କରିଛି। ମୃଣ୍ମୟୀ ମୂର୍ତ୍ତୀ ପ୍ରସ୍ତୁତି ବୃତାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସାଜସଜା ମଧ୍ୟ ଆଗେଇ ଚାଲିଛି। କିଛି ଦିନ ତଳେ ଲଘୁଚାପ ଜନିତ ୨ ଥର ଲଗାଣ ଓ ସଂପ୍ରତି ତିତିଲିର ତାଣ୍ଡବଲୀଳା ଏହି ପୂଜା ମାହୋଲକୁ କୌଣସି ପ୍ରକାରରେ ବ୍ୟତିକ୍ରମ କରିପାରିନଥିବା ଜଣାଯାଇଛି। ଏହି ବାରବାଟିଆ ଗାଁ ଦୁର୍ଗାପୂଜା ବଡ ନିଆରା। ଗାଁ ଠାରୁ ଆରମ୍ଭ କରି ସୁଦୂର ଅଞ୍ଚଳରୁ ଶ୍ରଦ୍ଧାଳୁ ଭକ୍ତଙ୍କ ସୁଅ ଛୁଟିଥାଏ। ମା'ଙ୍କ ମହିମା ଅପାର ଯିଏ ଯାହା ମନସ୍କାମନା କରିଥାଏ ତାହ ପୂରଣ ହୋଇଥିବା ଏବେବି ବିଶ୍ୱାସ ରହିଛି। ଲୋକମୁଖରୁ ଯାହା ଶୁଣାଯାଏ, ୪ ଶହ ବର୍ଷ ତଳେ ଏହି ଗାଁର ଜନୈକ ନାରଣ ମିଶ୍ର କାକଟପୁର ମଙ୍ଗଳା ପୀଠରେ ଚଣ୍ଡି ପାଠ କରୁଥିବା ବେଳେ ମା' ତାଙ୍କ ଉପରେ ପ୍ରିତ ହୋଇଥିଲେ। ସ୍ୱପ୍ନାଦେଶ ବଳରେ ତାଙ୍କ ଠାରୁ ପୂଜା ପାଇବାକୁ କହିବା ସହ ତାଙ୍କ ସହ ଆସିଥିଲେ। ସେତେବେଳ ଏହି ଗାଁର ଏକ ବିଶାଳ ବଟବୃକ୍ଷ ମୂଳେ ଏକ ଧୂଳିଆ ଘର ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଥିଲା। ଦୁର୍ଗାପୂଜାରେ ପୂଜକ ପରିବାର ଲୋକେ କାଦୁଅ ପିଣ୍ଡୁଆ ତିଆରି କରାଯାଏ ଏବଂ ପୂଜା ଦିନ ମାଙ୍କ ଆବିର୍ଭାବ ହୋଇଥାଏ। ୨ ଶହ ବର୍ଷ ଧରି ଧୂଳିଆ ଘରେ ପୂଜା ପାଉଥିଲେ ଏବଂ ପରବର୍ତ୍ତୀ ସମୟରେ ଏକ ଆଜବେଷ୍ଟସ ଘର ନିର୍ମାଣ ହୋଇ ପୂଜାକାର୍ଯ୍ୟ ଚାଲୁଥିଲା। ଏବଂ ପ୍ରାୟ ୫୦ ବର୍ଷ ତଳେ ଜଣେ ବଦାନ୍ୟ ବକ୍ତିଙ୍କ ସହାୟତାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଛି। ପୂଜକ ତଥା କର୍ତ୍ତାଭାବେ ସାଧୁଚରଣ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରୁଥିବା ବେଳେ କୈଳାସ ସାହୁ, ଶ୍ୟାମସୁନ୍ଦର ପରିଡା, ସୁରେନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମୀଧର ମିଶ୍ର ଓ ଲୋକନାଥ ଆଚାର୍ଯ୍ୟ ପ୍ରମୁଖ ଗ୍ରାମବାସୀ ସହଯୋଗ ଏଠାରେ ଦୁର୍ଗାପୂଜା ପାଳିତ ହେଉଛି ।

ଖାଉଟି କାର୍ଡ ବଣ୍ଟନ ସମାରୋହ

ତିହିଡ଼ିରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ ବଣ୍ଟନ

ବୋଧପୁର ଦାସ ପରିବାରର ନିଆରା ଦୁର୍ଗାପୂଜା

ଗୋଟିଏ ମେଢ଼ରେ ୩ଶହ ବର୍ଷ ଧରି ମା'ଙ୍କୁ ପୂଜା

ଜଗତସିଂହପୁର : ଏକ୍ସପ୍ରେସ୍ ନ୍ୟୁଜ୍

ଶାରଦୀୟ ଦୁର୍ଗାପୂଜା ପାଇଁ ପୂରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି । ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ସୁସଜ୍ଜିତ ତୋରଣ ଦେଖିବାକୁ ମିଳୁଛି । ଭକ୍ତଜନ ଦେବୀ ଦୁର୍ଗାଙ୍କ ଆବାହନରେ ତଲ୍ଲୀନ ହୋଇଯାଇଛନ୍ତି । ପାର୍ବଣର ଏହି ମହା ସମାରୋହରେ ଜଗତସିଂହପୁର ଜିଲ୍ଲା ବୋଧପୁର ଗ୍ରାମରେ ଦାସ ପରିବାର ପକ୍ଷରୁ ଶହ ଶହ ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଦେବୀ ଦୁର୍ଗାଙ୍କ ପୂଜା ବିଭିନ୍ନ ପ୍ରାନ୍ତରୁ ଭକ୍ତଜନଙ୍କୁ ଆକର୍ଷିତ କରୁଛି । ଏହି ପୂଜାର ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ରହିଛି । ଯାହା ସର୍ବଦା ଦାସ ପରିବାରର ଦୁର୍ଗାପୂଜା ପାଇଁ ଏକ ନିଆରା ପରିଚୟ ସୃଷ୍ଟି କରିପାରିଛି । ଗୋଟିଏ ମେଢ଼ରେ ଦୀର୍ଘ ୩୦୦ ବର୍ଷ ଧରି ଏଠାରେ ପୂଜା ପାଇ ଆସୁଛନ୍ତି ଦେବୀ ଦୁର୍ଗା ।

ତତ୍କାଳୀନ ଜମିଦାର ଦାସ ପରିବାର ପକ୍ଷରୁ ପ୍ରତିବର୍ଷ ଏହି ପୂଜା ଆୟୋଜନ କରାଯାଇଥାଏ । ପିଢ଼ି ପରେ ପିଢ଼ି ଧରି ପରମ୍ପରାକ୍ରମେ ପରିବାର ପକ୍ଷରୁ ଦୁର୍ଗା ପୂଜା ପ୍ରତିବର୍ଷ ବେଶ ଜାକଜମକରେ ଆୟୋଜନ କରାଯାଉଛି । ପରିବାରର ସଦସ୍ୟମାନେ ଯେଉଁଠି ଥା'ନ୍ତୁ ନା କାହିଁକି ପୂଜା ବେଳେ ସମସ୍ତେ ଗାଁକୁ ଆସି ଏକତ୍ର ହୋଇଥାନ୍ତି । ସମସ୍ତେ ମିଳିମିଶି ପୂଜା କରିଥାନ୍ତି



ବୋଲି ପରିବାରର ସଦସ୍ୟମାନେ କହିଛନ୍ତି ।

୩୦୦ ବର୍ଷ ପୂର୍ବେ ଦାସ ପରିବାରର ପୂର୍ବଜ ଦୟାନିଧି ଦାସ ଦେଖିଲେ ଯେ ତାଙ୍କ ପୁଅ ବନମାଳୀ ଦାସ ଦୁର୍ଗା ପୂଜା ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ କରୁଛନ୍ତି । ତେଣୁ ପରିବାର ପକ୍ଷରୁ ପ୍ରତିବର୍ଷ ଦୁର୍ଗାପୂଜା ଆୟୋଜନ କରିବା ଲାଗି ସେ ନିଷ୍ପତ୍ତି ନେଇଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦାସ ପରିବାରର ଏହି ପୂଜା ତିନିଶହ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପାଳନ କରାଯାଉଛି । ଗୋଟିଏ ମେଢ଼ରେ ଏତେବର୍ଷ ଧରି ମା'ଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଇବା ମଧ ଏଠାକାର ବିଶେଷତ୍ୱ । ଦୁର୍ଗାପୂଜା ଲାଗି ଦାସ ପରିବାର ପକ୍ଷରୁ ନିଜସ୍ୱ ସେବକଙ୍କୁ ନିୟୋଜିତ କରାଯାଇଛି । ସେମାନେ ଦୁର୍ଗାପୂଜା ଲାଗି ଆବଶ୍ୟକ ପ୍ରସ୍ତୁତି କରୁଛନ୍ତି । ସେବକମାନେ ମଧ ପିଢ଼ି ପରେ ପିଢ଼ି ଧରି ଏହି ପୂଜାରେ ସମ୍ମିଳିତ ହୋଇ ଆସୁଛନ୍ତି । ସ୍ଥାନୀୟ ନନ୍ଦପୁର ଗ୍ରାମର ମୃର୍ତ୍ତିକାରମାନେ ଆସି ଏଠାରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କରିଥାନ୍ତି । ଦେବୀ ଦୁର୍ଗାଙ୍କ ୮ଫୁଟ୍ ଉଚ୍ଚତାର ପ୍ରତିମା ସହିତ ଶିବ, ନନ୍ଦୀ ଏବଂ ଭୃଙ୍ଗୀଙ୍କ ପ୍ରତିମା ନିର୍ମାଣ କରାଯାଇଥାଏ । ପୂଜାରେ ୪ଜଣ ପୁରୋହିତ ନିୟୋଜିତ ହୋଇଥାନ୍ତି ଏବଂ ସେମାନେ ନୟାଗଡ଼ରୁ ଆସିଥାନ୍ତି ବୋଲି ଦାସ ପରିବାରର ଜଣେ ସଦସ୍ୟା କହିଛନ୍ତି ଅଷ୍ଟମୀ ଦିନ ବହୁ ସଂଖ୍ୟାରେ ସାଧାରଣ ଭକ୍ତ ଏହି ପୂଜାରେ ସମ୍ମିଳିତ ହୋଇଥାନ୍ତି । ମହାଷ୍ଟମୀରେ ପଣା ଭୋଗ ଏଠାକାର ମୁଖ୍ୟ ଆକର୍ଷଣ ।

ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ : ଆନ୍ଦୋଳନ ଚେତାବନୀ

ନୂଆପଡ଼ା,୧୫।୧୦ : ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ୨୦୧୮ ଅନୁସାରେ ନୂଆପଡ଼ା ଜିଲାର ସମସ୍ତ ବ୍ଲକ୍ ତଥା ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିବା ବେଳେ ସିନାପାଲି ବ୍ଲକ୍‌ରେ ଏହାର ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ସିନାପାଲି ବ୍ଲକ୍ ଝାରବନ୍ଧ ପଞ୍ଚାୟତ ଅନ୍ତର୍ଗତ ଝୁଲେନବର ଗ୍ରାମର ଜଣେ ବି ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇ ରାସନ କାର୍ଡ ପାଇପାରିନାହାଁନ୍ତି । ଗତ ୮ ତାରିଖ ଦିନ ସିନାପାଲି ପଞ୍ଚାୟତ ସମିତି ପରିସରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଉଦଘାଟନ କରି ଜଳ ସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସିନାପାଲି ଅନ୍ତର୍ଗତ ବିଭିନ୍ନ ଗ୍ରାମର ୧୭୦୨ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ବନ କରିଥିଲେ । ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ପ୍ରଥମ ପର୍ଯ୍ୟାୟରେ ସିନାପାଲି ପଞ୍ଚାୟତ ସମିତିରୁ ୪୭୧୫ ଜଣ ହିତାଧିକାରୀ ରାସନ କାର୍ଡ ପାଇଁ ଆବେଦନ କରିଥିବା ବେଳେ ୨୦୦୨ ଜଣଙ୍କୁ ଚୟନ କରାଯାଇଥିଲା। ଉକ୍ତ ଯୋଜନାରେ ଝୁଲେନବର ଗ୍ରାମର ୨୫ ଜଣ ହିତାଧିକାରୀ ଆବେଦନ କରିଥିଲେ । ସେମାନଙ୍କ ପାରିବାରିକ ଅସ୍ୱଚ୍ଛଳତା ସତ୍ତ୍ୱେ ସେମାନେ ଯୋଗ୍ୟ ବିବେଚିତ ହୋଇନପାରିବା ଓ ରାସନ କାର୍ଡ ନ ପାଇବା ବହୁ ଦୁଃଖର ବିଷୟ। ଏପରିକି ଆଗାମୀ ପର୍ଯ୍ୟାୟରେ ବନ ହେବାକୁ ଥିବା ରାସନ କାର୍ଡ ତାଲିକା ବା ୱେଟିଂ ଲିଷ୍ଟରେ ମଧ୍ୟ ସେମାନଙ୍କ ନାମ ନ ଥିବା ଅଭିଯୋଗ କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ରାସନ କାର୍ଡ ନ ମିଳିଲା ତ ନାହିଁ, ହେଲେ ୱେଟିଂ ଲିଷ୍ଟରେ କାହାରି ମଧ୍ୟ ନାମ ନ ଥିବା ହିତାଧିକାରୀ ଚୟନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଝୁଲେନବର ଏକ ଆଦିବାସୀବହୁଳ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ଏହାର ଜନସଂଖ୍ୟା ପ୍ରାୟ ୪୬୦ । ୮୯ ପରିବାର ବାସବାସ କରୁଥିବା ବେଳେ ଅଧିକାଂଶ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଆଦିବାସୀ ଓ ହରିଜନ ଶ୍ରମିକ ଶ୍ରେଣୀର। ପୂର୍ବରୁ ଗ୍ରାମର ମାତ୍ର ୧୦ ଜଣଙ୍କ ରାସନ କାର୍ଡ ଥିବା ବେଳେ ଅନ୍ୟ ମାନେ ବର୍ତ୍ତମାନ ଏହି ପର୍ଯ୍ୟାୟରେ ଆବେଦନ କରି ରାସନ କାର୍ଡ ପାଇବୁ ବୋଲି ଆଶା ବାନ୍ଧି ଥିଲେ । ହେଲେ ଏମାନଙ୍କ ରାସନ କାର୍ଡ ପାଇବା ତ ଦୂରର କଥା ହିତାଧିକାରୀ ତାଲିକାରେ ମଧ୍ୟ ସାମିଲ ହୋଇପାରିଲେ ନାହିଁ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସମୟରେ ମଧ୍ୟ ଏହି ଗ୍ରାମରେ ରାସନ କାର୍ଡ ବନରେ ଅନିୟମିତତା ହୋଇଥିଲା। ସେହି ସମୟରେ ବିଡିଓଙ୍କୁ ଅଭିଯୋଗ କରିବାରୁ ପରବର୍ତ୍ତୀ ସମୟରେ ଠିକ୍ ଭାବରେ ରାସନ କାର୍ଡ ବଣ୍ଟନ କରାଯିବ ବୋଲି ସେ କଥା ଦେଇଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ହେଲେ ବର୍ତ୍ତମାନ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗ୍ରାମବାସୀଙ୍କୁ ଏଭଳି ଅଣଦେଖା କରାଯିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯାହାଫଳରେ ସିନାପାଲି ଶ୍ରମ ବିକାଶ ମଞ୍ଚ ସ୍ୱେଚ୍ଛାସେବୀ ସଂଗଠନର ସଂଯୋଜକ ଡୋଲାମଣି ଭୋଇ, ଜନସାଥୀ ଚୂଡ଼ାମଣି ମାଝୀଙ୍କ ନେତୃତ୍ୱରେ ଗ୍ରାମବାସୀ ମିଶି ଗ୍ରାମରେ ଏକ ଗ୍ରାମସଭା କରି ବିଡିଓଙ୍କ ଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିବା ସହ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ବିଭାଗୀୟ ସରକାରୀ ଅଧିକାରୀ ଓ କର୍ମଚାରୀମାନେ କେତେଦୂର ନିଜର ଦାୟିତ୍ୱ ଠିକ୍ ଭାବରେ ତୁଲାଇଛନ୍ତି ତାହା ତଦନ୍ତସାପେକ୍ଷ ବୋଲି ଅଭିଯୋଗ କରିବା ସହ ଆଗାମୀ ପର୍ଯ୍ୟାୟରେ ରାସନ କାର୍ଡ ନ ମିଳିଲେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ସୁବାସ ଦୀପ, ଇନ୍ଦ୍ରଜିତ ମାଝୀ, ଅମର ମାଝୀ, ପ୍ରହ୍ଲାଦ ମାଝୀ, କେଶବ ମାଝୀ, ଧନସିଂହ ମାଝୀ, ଉମେଶ ମାଝୀ, ବୁଧୁରାମ ଦୀପ, ସୁରେଖା ମାଝୀ, ଲଳିତ ମାଝୀ, ଦେବକୀ ମାଝୀ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ ।